# Akashvani, Sambalpur

## SAMBALPURI NEWS BULLETIN

### 23 October 2025 – 6.47- 6.52 am.

******************************************************

ଏସ୍ଆଇ ଦୁର୍ନୀତି        I&PR

ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାର୍ ତଦନ୍ତ ଦାୟିତ୍ୱ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ- ସିବିଆଇକେ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତି ନେଇଛନ୍ । ଇହାଦେ ଇତାର୍ ତଦନ୍ତ ରାଜ୍ୟ କ୍ରାଇମ୍ ବ୍ରାଂଚ୍ ସିଆଇଡିକେ ଦିଆଯାଇଛେ । ସିଆଇଡିର୍ ତଦନ୍ତ ଉତ୍ରୁ ଦୁର୍ନୀତିର୍ ସମ୍ପୃକ୍ତି ଭିନ୍ ଭିନ୍ ରାଜ୍ୟର୍ ସଙ୍ଗେ ରହିଛେ ଆଉ ଇଥି ବଡ଼ ଆନ୍ତଃ ରାଜ୍ୟ ଅପରାଧି ସଙ୍ଗଠନ୍ ସାମିଲ୍ ଅଛନ୍ ବଲି ଜନାପଡ଼ିଛେ । ତାର୍ ଉତ୍ରୁ ଦୁର୍ନୀତି ତଦନ୍ତ ଦାୟିତ୍ୱ ସିବିଆଇକେ ଦେବାର୍କେ ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଥିବା ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ସମ୍ମିଳନୀ ତୟାରି        I&PR

ଆଏବା ମାସର ୧୦ ଆଉ ୧୧ ତାରିଖ୍ ଭୁବନେଶ୍ୱର ନ ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ହେବା । ଇତାକେ ନେଇକରି ଗଲାକାଏଲ୍

ଭୁବନେଶ୍ୱର ନ କୃଷି ଆଉ କୃଷକ ସଶକ୍ତୀକରଣ ବିଭାଗ ମନିଟରିଂ କମିଟିର ବୈଠକ୍ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀଙ୍କର ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ର ସୂଚ୍‌ନା ଅନ୍‌ସାରେ, ସମ୍ମିଳନୀକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ୍ କର୍‌ବେ ଆଉ ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେବାର କାର୍ଯ୍ୟକ୍ରମ୍ ରହିଛେ । ଇ ବଛର୍ ସମ୍ମିଳନୀର ବିଷୟବସ୍ତୁ ‘ଅନ୍ତର୍ଜାତୀୟ ଶ୍ରୀଅନ୍ନ ସମ୍ମିଳନୀ ଆଉ କୃଷି ଐତିହ୍ୟଥି ମହିଲାମାନ୍‌କର ଭାଗିଦାରୀ’ ରଖାଯାଇଛେ । କୃଷି କ୍ଷେତ୍ରଥି ମହିଲାମାନ୍‌କର ଅବଦାନ୍‌କେ ସମ୍ମାନ୍ ଜନାବାର୍ ଲାଗି ଇ ବିଷୟବସ୍ତୁ ରଖାଯାଇଛେ । ସେନ୍ତା ଇ ବଛରର୍ ମାସ୍କଟ୍ ମିଲି ମୟୁରଭଞ୍ଜର ଫୁଟା ଶାଢ଼ୀ ପିନ୍ଧିକରି ନଜର୍ ଆସ୍‌ବା ।

ଇସିଆଇ-ସମ୍ମିଳନୀ I&PR

ସାରାଦେଶେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆର୍ ବନାବାର୍‌କେ ନେଇକରି ଭାରତୀୟ ନିର୍ବାଚନ ଆୟୋଗ- ଇସିଆଇଙ୍କର ତର୍‌ଫୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀମାନ୍‌କର ଦୁଇଦିନିଆ ସମ୍ମିଳନୀ ଗଲାକାଏଲ୍ ନୂଆଦିଲ୍ଲୀ ନ ମୁଲ୍ ହେଇଛେ । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କର ଅଧ୍ୟକ୍ଷତାଥି ହେଇଥିବା ସମ୍ମିଳନୀଥି ଏସ୍‌ଆଇଆର୍‌କେ

ନେଇକରି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ ଅଂଚଲ୍‌ର ମୁଖ୍ୟ ନିର୍ବାଚନ ଅଧିକାରୀମାନ୍‌କର ତୟାରି ବାବ୍‌ଦେ ମୁଲ୍ୟାଙ୍କନ କରାଯାଇଛେ । ସମ୍ମିଳନୀଥି ଓଡ଼ିଶାର୍ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଲନ୍, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ ମିଶ୍ର, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଯୋଗ୍ ଦେଇଛନ୍ ।

ସିବିସି କର୍ମଶାଳା          ପିଆଇବି

କେନ୍ଦ୍ରୀୟ ସଂଚାର ବ୍ୟୁରୋ-ସିବିସି ଆଉ ପତ୍ର ସୂଚ୍‌ନା କାର୍ଯ୍ୟାଳୟ-ପିଆଇବି ଭୁବନେଶ୍ୱର ତର୍‌ଫୁ ଗଲାକାଏଲ୍ ଦୁର୍ନୀତି ନିର୍ବାରଣ କର୍ମଶାଳା ହେଇଯାଇଛେ । 'ଦୁର୍ନୀତି ନିର୍ବାରଣ: ଆମର ସହଭାଗୀ ଉତରଦାୟିତ୍ୱ' ବିଷୟବସ୍ତୁକେ ନେଇକରି ହେଇଥିବା କର୍ମଶାଳାଥି ସ୍ୱଚ୍ଛତା, ପାରଦର୍ଶିତା ଆଉ ନୈତିକ୍ ପ୍ରଶାସନ୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ସିବିସି ଆଉ ପିଆଇବିର୍ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଇଥି ଅଧ୍ୟକ୍ଷତା କରିଥିଲେ ।

ରାଜ୍ୟସ୍ତରୀୟ କଳା ଉତ୍ସବ          I&PR

ଭୁବନେଶ୍ୱର ୟୁନିଟ୍ ୬ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ନ ଗଲାକାଏଲ୍ ରାଜ୍ୟସ୍ତରୀୟ କଳା ଉତ୍ସବ-୨୦୨୫ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଓସେପାର୍ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ୍ ଅନନ୍ୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି କଳା କ୍ଷେତ୍ରଥି ଓଡ଼ିଶାର୍ ଅବଦାନ୍ ବହୁତ୍ ଅଛେ ବଲି କହିଛନ୍ । ଦୁଇଦିନତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ରାଜ୍ୟର୍ ୬ଟା ଜୋନ୍‌ନୁ ଶହେ ୪୦ ଝନ୍ ଛାତ୍ରଛାତ୍ରୀ ଭାଗ୍ ନେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୬ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୭ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ

ମିସଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ଆଏବାକାଏଲ୍ ତକ୍ ନିଜର୍ ମତାମତ୍ ଦେଇପାର୍‌ବେ ।

ବିଦ୍ୟାଳୟ ବନ୍ଦ ମିଥ୍ୟା ଖବର        I&PR/ ଏକ୍ସ

ରାଏଜେ ବିଦ୍ୟାଳୟ ବନ୍ଦ କର୍‌ବାର ଆଉ ବିଦ୍ୟାଳୟ ମାନ୍‌କର ମିଶ୍ରଣ କରାଯିବା ବଲି ଗଣମାଧ୍ୟମ୍‌ନ ଭିନ୍ ଭିନ୍ ଖବର ପ୍ରକାଶ ପାଉଛେ । ଇ ଖବରଥି ସତ୍ୟତା ନାଇଁ ନ ଆଉ ଇତାକେ ବିଶ୍ୱାସ ନାଇଁ କର୍‌ବାର୍‌କେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସୈନିକ ସ୍କୁଲ ପ୍ରବେଶିକା        ଆର୍ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ସୈନିକ ସ୍କୁଲ୍‌ଥି ନାଁ ଲେଖାବାରକେ ପ୍ରବେଶିକା ପରୀକ୍ଷା ଲାଗି ଅନ୍‌ଲାଇନ୍ ଆବେଦନ୍ ପ୍ରକ୍ରିୟା ଆଏବା ୩୧ ତାରିଖ୍ ଦିନ ଶେଷ୍ ହେବା । ନଭେମ୍ବର ୨ନୁ ୪ ତାରିଖ୍ ଭିତ୍‌ରେ ଆବେଦନ ସଂଶୋଧନ୍ କରାଯାଇ ପାର୍‌ବା । ସେନ୍ତା ପ୍ରବେଶିକା ପରୀକ୍ଷା ଲାଗି ଆବେଦନ ଶୁଳ୍କ ଆଏବା ୩୧ ତାରିଖ୍ ଭିତ୍‌ରେ ଜମା କର୍‌ବାର୍‌କେ ପଡ୍‌ବା । ଆଏବା ବଛର୍ ଜାନୁୟାରୀ ମାସେ ପ୍ରବେଶିକା ପରୀକ୍ଷା ହେବା ।

ଦନ୍ତ ଚିକିତ୍ସକ ସମ୍ମିଳନୀ        ବଲାଙ୍ଗୀର ସମ୍ବାଦଦାତା

ବଲାଙ୍ଗୀର ନ ୪୧ ନମ୍ବର ରାଜ୍ୟସ୍ତରୀୟ ଦନ୍ତ ଚିକିତ୍ସକ ସଂଘର ୩ ଦିନିଆ ସମ୍ମିଳନୀ ହେବା । ଭୀମ ଭୋଇ ଭେଷଜ ମହାବିଦ୍ୟାଳୟ ଆଉ ଚିକତ୍ସାଳୟ ସମ୍ମିଳନୀ କକ୍ଷ ନ ହେବାର୍‌କେ ଥିବା କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ତମାଖୁ ମୁକ୍ତ ଯୁବ ଅଭିଯାନ        କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ନ ଜିଲ୍ଲାସ୍ତରୀୟ ତମାଖୁ ମୁକ୍ତ ଯୁବ ଅଭିଯାନ୍‌ର ୩ ନମ୍ବର ଖେପ୍ ମୁଳ୍ ହେଇଛେ । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ୍‌ଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ତମାଖୁ ମୁକ୍ତ ସମାଜ ଆଉ ଜିଲ୍ଲା ଗଠନ୍ ବାବ୍‌ଦେ ଶପଥ୍ ପାଠ୍ କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା  ଯୋଗ୍ ଦେଇକରି ତମାଖୁ ବେଭାର୍‌ର ବିନାଶକାରୀ ପରିଣାମ ବାବ୍‌ଦେ ସଚେତନ୍ କରିଥିଲେ ।

ପାଣିପାଗ      ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ବଙ୍ଗୋପ୍ସାଗର୍ ଉପ୍ରେ ହେଇଥିବା ଲଘୁଚାପ୍ ଅବପାତ୍ଥି ବଦ୍ଲକରି ପଶ୍ଚିମ୍ ଆଉ ଉତର୍ ପଶ୍ଚିମ ଦିଗେ ତାମିଲ୍ନାଡୁ, ପୁଡୁଚେରୀ ଆଉ ଦକ୍ଷିଣ ଆନ୍ଧ୍ରପ୍ରଦେଶ୍ ଆଡ଼୍କେ ଗତି କରିଛେ । ଇତାର୍ ପ୍ରଭାବ୍ଥି ଆଏବା ରଏବାର୍ତକ୍ ରାଏଜେ ହାଲ୍କାନୁ ମଧମ୍ ଧରଣ୍ର ବର୍ଷା ହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ତାର୍ ଉତ୍ରୁ ବଙ୍ଗୋପ୍ସାଗର୍ ନ  ୨୬ ଆଉ ୨୯ ତାରିଖ୍ ୨ ଟା ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ । ସେଆଡ଼େ ଆଏବା ୨୪ ଘଂଟା ଭିତ୍ରେ ଘଡ଼୍ଘଡ଼ି ସାଙ୍ଗେ ବର୍ଷା ଲାଗି କଲାହାଣ୍ଡି ସହେତେ ୧୧ ଟା ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।